## ମଦ ପାଇଁ ଟଙ୍କା ନଦେବାରୁ ବାପାଙ୍କୁ ହାଣିଲା ପୁଅ

**ଦିଗପହଣ୍ଡି,୨୨।୨/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ପଞ୍ଚାୟତ ଦସିପୁର ଗାଁରେ ଶନିବାର ରାତି ପ୍ରାୟ ୧ ଟାରେ ଘଟିଯାଇଛି ଅଘଟଣ । ପାରିବାରିକ ହିଂସା କାରଣରୁ ଗ୍ରାମର କେ. ବୁଲୁ ରେଡ୍ଡୀ(୫୨)ଙ୍କୁ ତାଙ୍କ ଏକମାତ୍ର ପୁଅ କେ.ଧନୁ ରେଡ୍ଡୀ କାତି ଦ୍ୱାରା ଆକ୍ରମଣ କରିଛନ୍ତି । କାତି ଚୋଟରେ ବୁଲୁଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ତାଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଶନିବାର ରାତିରେ ଧନୁ ତିରୁପତିରୁ ଗାଁକୁ ଫେରିଥିଲେ । ମଦ ପିଇବାକୁ ବାପାଙ୍କୁ ଧନୁ ପଇସା ମାଗିଥିଲେ । ସେ ମନା କରିବାରୁ ଉତ୍ତେଜିତ ହୋଇ ଏକ କାତିରେ ତାଙ୍କୁ ଆକ୍ରମଣ କରିଥିଲେ ବୋଲି ଜଣାପଡିଛି ।

## ସାଇବର୍ ଠକେଇର ପର୍ଦ୍ଦାଫାସ, ୨ ଗିରଫ



**ବୁଗୁଡା,୨୨।୨/ଏନ୍ଏନ୍ଏସ୍:** ସମ୍ପ୍ରତି ବିଭିନ୍ନ ମାଧ୍ୟମରେ ସଚେତନତା ସତ୍ତ୍ୱେ ଲୋକେ ସାଇବର ଠକେଇର ଶିକାର ହୋଇଆସୁଥିବା ବେଳେ ଓଡିଶା ପୁଲିସର ସାଇବର କବଚ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ବୁଗୁଡା ପୁଲିସ ଏବେ ଏକ ସାଇବର ଠକେଇ ନେଟଓ୍ୱାର୍କର ପର୍ଦ୍ଦାଫାସ କରି ୨ ଜଣ ସାଇବର ଠକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ଗିରଫ ଠକ ଦ୍ୱୟ ଆସ୍କା ଥାନା ଅନ୍ତର୍ଗତ ଫାପଲପୁର ଗ୍ରାମର ମନୋଜ କୁମାର ସ୍ୱାଇଁ(୩୨) ଓ ଅଶ୍ୱିନୀ କୁମାର ରାଉତ (୨୪) ହୋଇଥିବା ବେଳେ ସେ ଦ୍ୱୟଙ୍କ ବିରୁଦ୍ଧରେ ଯଥାକ୍ରମେ କେସ୍ ନଂ ୮୧/୨୬ ଓ ୮୨/୨୬ ରେ ଦୁଇଟି ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା ସୂଚନା ଦେଇଛନ୍ତି । ପ୍ରକାଶ ଯେ, ବୁଗୁଡ଼ା ପୁଲିସ ଥାନା ଅନ୍ତର୍ଗତ ବିଭିନ୍ନ ବ୍ୟାଙ୍କରେ ବ୍ୟବହୃତ ମ୍ୟୁଲ୍ ଆକାଉଣ୍ଟ୍ ସମ୍ପର୍କେ ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ପକ୍ଷରୁ ଜାରି କରାଯାଇଥିବା ତାଲିକା ଆଧାରରେ ବୁଗୁଡ଼ା ଥାନା ଅଧିକାରୀ ସୀତାଂଶୁ ଶେଖର ମାନ୍ଧାତା, ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡି ଏବଂ ଅନ୍ୟ କେତେକ କର୍ମଚାରୀଙ୍କୁ ନେଇ ଗଠିତ ଏକ ଟିମ୍ ଯାଞ୍ଚ ଆରମ୍ଭ କରିଥିଲା । ପୁଲିସ ପକ୍ଷରୁ ପୁଙ୍ଖାନୁପୁଙ୍ଖ ଯାଞ୍ଚ ପ୍ରକ୍ରିୟା କାଳରେ ଅନେକ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟରୁ ୩୦ ଲକ୍ଷ ଟଙ୍କାର ଠକେଇ କାରବାର ଠାବ କରାଯିବା ସହ ସାଇବର ଠକଙ୍କ ବ୍ୟାଙ୍କ ପାସବୁକ୍, କାରବାର ବିବରଣୀ, ମୋବାଇଲ ଫୋନ ଏବଂ ଅନ୍ୟାନ୍ୟ ଅପରାଧମୂଳକ ସାମଗ୍ରୀ ଜବତ କରାଯାଇଛି । ଏଥିସହ ଯାଞ୍ଚ ସମୟରେ ଏହି ସାଇବର ଠକେଇ ନେଟଓ୍ୱର୍କର ଅନ୍ୟତମ ଅଂଶୀଦାର ଭାବେ ଝାଡଖଣ୍ଡର ରାହୁଲ କୁମାର ମଣ୍ଡଳ ଓ ଉମେଶ କୁମାର ମଣ୍ଡଳଙ୍କୁ ଚିହ୍ନଟ କରାଯାଇଛି । ଗିରଫ ଅଭିଯୁକ୍ତ ଦ୍ୱୟଙ୍କ ବିରୁଦ୍ଧରେ ପୃଥକ୍ ଭାବେ ଦୁଇଟି ମାମଲା ରୁଜୁ ହୋଇଛି । ସାଇବର ଠକେଇ ଅପରାଧର ଚେର କେଉଁ ପର୍ଯ୍ୟନ୍ତ ଲମ୍ବିଛି, ସେନେଇ ପୁଲିସ ତା'ର ଅନୁସନ୍ଧାନ ଜାରି ରଖିଛି ।

## ଅପରେସନ ସାଇବର୍ କବଚ ଜରିଆରେ ଗଞ୍ଜାମ ପୁଲିସକୁ ବଡ଼ ସଫଳତା

# ୮୬ ବେନାମୀ ବ୍ୟାଙ୍କ୍ ଆକାଉଣ୍ଟ୍ ଚିହ୍ନଟ, ୧୧ ମାମଲା ରୁଜୁ

**ବ୍ରହ୍ମପୁର,୨୨।୨/ଏନ୍ଏନ୍ଏସ୍:** ସାଇବର ଅପରାଧୀ ଉପରେ ଲଗାମ ଲଗାଇବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ଆରମ୍ଭ ହୋଇଛି ଅପରେଶନ ସାଇବର କବଚ। ଏହି ଅବସରରେ ଗଞ୍ଜାମ ପୁଲିସ ଜିଲାକୁ ମିଳିଛି ବଡ ସଫଳତା । ଗୋଟିଏ ଦିନରେ ୮୬ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଚିହ୍ନଟ ହୋଇଛି । ୧୧ଟି ମାମଲା ରୁଜୁ ହେବା ସହ ୧୧ ଜଣଙ୍କୁ ଆଇନଗତ ନୋଟିସ ଜାରି କରାଯାଇ ୬ଜଣଙ୍କୁ ଗିରଫ କରାଯାଇଛି । ହିଞ୍ଜିଳି ଥାନା ପକ୍ଷରୁ ୪ ଜଣ ପିଣ୍ଟୁ ଦାସ, ବାୟା ଦାସ, ରାଜେଶ ପାତ୍ର ଓ ସରୋଜ ପାତ୍ର ଏବଂ ବୁଗୁଡା ଥାନା ପକ୍ଷରୁ ୨ ଜଣ ମନୋଜ ସ୍ୱାଇଁ ଓ ଅଶ୍ୱିନୀ କୁମାର ରାଉତଙ୍କୁ ଗିରଫ କରାଯାଇଛି । ଉଭୟଙ୍କ ଘର ଆସିକା ଥାନା ଅଞ୍ଚଳରେ ବୋଲି ଜଣାପଡ଼ିଛି । ୩୨ ଲକ୍ଷ ୫୯ ହଜାର ୯୫୬ ଟଙ୍କା ସିଜ୍ କରାଯାଇଛି । ଏହି ସବୁ ବେନାମୀ ବ୍ୟାଙ୍କ ଆକଉଣ୍ଟରେ ୮କୋଟି ୭୮ ଲକ୍ଷ ୭୩ ହଜାର ୮୧୪ ଟଙ୍କା କାରବାର ହୋଇଥିବା ଜଣାପଡିଛି । ଏନେଇ ସୂଚନା ଦେଇଛନ୍ତି ଗଞ୍ଜାମ ଏସ୍ପି ସୁଭେନ୍ଦୁ କୁମାର ପାତ୍ର। ଗିରଫ ବ୍ୟକ୍ତି ମାନଙ୍କ ଠାରୁ ଫୋନ ସମେତ ବିଭିନ୍ନ ବ୍ୟାଙ୍କର ପାସବୁକକୁ ଜବତ କରିଛି ପୁଲିସ । ଏବେବି ଏହାର ତଦନ୍ତ ଜାରି ରହିଛି । ଜିଲାରେ ବହୁ ମାତ୍ରରେ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇ ବେଆଇନ ଭାବେ ଟଙ୍କା କାରବାର କରାଯାଉଛି । ତେବେ ଏହି ଏହି ଚେର କେତେଦୂର ଯାଏ ଲମ୍ବିଛି ଓ କେଉଁ ସାଇବର ଅପରାଧୀ ପାଇଁ ଏସବୁ ଆକାଉଣ୍ଟକୁ ବ୍ୟବହାର କରାଯାଇଛି, ସେ ଦିଗରେ ପୁଲିସ ଅଧିକ ତଦନ୍ତ ଜାରି ରଖିଛି । ବିଶେଷକରି ସାଇବର ଅପରାଧୀମାନେ ଅନ୍ଲାଇନ୍ ଠକେଇ, ନିବେଶ ଏବଂ ଟ୍ରେଡିଂ ଠକେଇ, ଡିଜିଟାଲ ଆରେଷ୍ଟ , ଲୋଭନୀୟ ଅଫର, ନକଲି ପରିଚୟ, ଏଟିଏମ ଠକେଇ କରି ବିଭିନ୍ନ ଉପାୟରେ ଲୋକଙ୍କୁ ଠକିଦେଇଥାନ୍ତି ସାଇବର ଅପରାଧି । ତେଣୁ ଏହି ସବୁରୁ ଦୁରେଇ ରହିବାକୁ ପୁଲିସ ପକ୍ଷରୁ ଜନସାଧାରଣମାନଙ୍କୁ ଅନୁରୋଧ କରାଯାଇଛି । ଯଦି କୌଣସି ଲୋକ ସାଇବର ଠକେଇର ଶିକାର ହୁଅନ୍ତି ତେବେ ତୁରନ୍ତ ହେଲ୍ପଲାଇନ ନଂ ୧୯୩୦କୁ ଅବଗତ କରାଇବାକୁ କୁହାଯାଇଛି ।

## ଆଙ୍କୁଲି କାଳିଞ୍ଜି ସାହିରେ ଅଗ୍ନିକାଣ୍ଡ

## ଫାଟିଲା ଗ୍ୟାସ୍ ସିଲିଣ୍ଡର, ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ

**ବ୍ରହ୍ମପୁର,୨୨।୨/ଏନ୍ଏନ୍ଏସ୍:** ସ୍ଥାନୀୟ ଆଙ୍କୁଲି କାଳିଞ୍ଜି ସାହିରେ ଜଣେ ବ୍ୟକ୍ତିଙ୍କ ଘରେ ନିଆଁ ଲାଗିଯିବାରୁ ଗ୍ୟାସ୍ ସିଲିଣ୍ଡର ଫାଟିଥିବା ଜଣାପଡିଛି । ବିସ୍ଫୋରଣରେ ଘରର କାନ୍ଥ ଭାଙ୍ଗିବା ସହ ଆସବାବପତ୍ର ପୋଡି ବ୍ୟାପକ କ୍ଷୟକ୍ଷତି ହୋଇଛି । ବ୍ରହ୍ମପୁର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ୧ ଘଣ୍ଟାର ପରିଶ୍ରମ ପରେ ନିଆଁକୁ ଆୟତ କରିଥିଲେ । ସୂଚନାପ୍ରକାରେ, ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି କାଳିଞ୍ଜି ସାହିରେ ରହୁଥିବା ରଞ୍ଜିତ ନାୟକଙ୍କ ପତ୍ନୀ ଲିଜା ନାୟକ ରବିବାର ପୂର୍ବାହ୍ନରେ ମନ୍ଦିର ଯାଇଥିଲେ । ଘରେ କେହି ନଥିବାରୁ ତାଲା ପଡିଥିଲା । ହେଲେ ଘର ଭିତରୁ ଧୂଆଁ ବାହାରୁଥିବା ଦେଖି ଲିଜାଙ୍କ ପଡୋଶୀ ଫୋନ କରି ଜଣାଇଥିଲେ । କିଛି ସମୟ ଧୂଆଁ ବାହାରିବା ପରେ ରୋଷେଇ ଘରେ ରଖାଯାଇଥିବା ଗ୍ୟାସ ସିଲିଣ୍ଡର ଫାଟିଯାଇଥିଲା । ସେହିପରି ଘର ଭିତରେ ଥିବା ବିଭିନ୍ନ ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଥିଲା । ଘରୁ ନିଆଁ ଲିଭାଇବାକୁ ଚେଷ୍ଟା କରି ଲିଜା ଆହତ ହୋଇଥିଲେ । ପରେ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ପୁଲିସ ଓ ଅଗ୍ନିଶମ



ବିଭାଗର କର୍ମଚାରୀ ପହଞ୍ଚିଥିଲେ। ସେମାନଙ୍କୁ ନିଆଁ ଲିଭା କାର୍ଯ୍ୟରେ ସ୍ଥାନୀୟ ବାସିନ୍ଦା ସହଯୋଗ କରିଥିଲେ। ନିଆଁକୁ ଆୟତ କରାଯାଇଥିଲେ ମଧ୍ୟ ଘରେ ଥିବା ଟିଭି, ଫ୍ରିଜ ଭଳି ବହୁ ମୁଲ୍ୟବାନ ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଥିଲା । ଅଗ୍ନିକାଣ୍ଡରେ ପ୍ରାୟ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପାଉଁଶ ହୋଇଯାଇଥିବା ନେଇ ଲିଜା ନାୟକ ଅଭିଯୋଗ କରିଛନ୍ତି । ରାଜସ୍ୱ ବିଭାଗ କର୍ମଚାରୀ ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ସହ ସରକାରୀ ସହାୟତା ପ୍ରଦାନ ଦିଗରେ ପଦକ୍ଷେପ ନେଇଛନ୍ତି । ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡି ନଥିଲେ ମଧ୍ୟ ସର୍ଟସର୍କିଟ ନତୁବା ଗ୍ୟାସ ଲିକରୁ ଏହା ଘଟିଥିବା ସନ୍ଦେହ କରାଯାଉଛି ।

## ଆଗକୁ ଆସିକା ପୌରପାଳିକା ନିର୍ବାଚନ

## ଏବେଠୁ ପ୍ରସ୍ତୁତ ହେଲେଣି ବିଜେଡିର ନେତା ଓ କର୍ମୀ

**ଆସିକା,୨୨।୨/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ପକ୍ଷରୁ ଆସିକା ଏନ୍ଏସିକୁ ମ୍ୟୁନିସିପାଲଟି ଘୋଷଣା ହେବା ପରେ ଆଉ କେଇଟା ମାସ ପରେ କର୍ପୋରେଟର୍ ଓ ମେୟର୍ ପଦବୀ ଲାଗି ନିର୍ବାଚନ ଅନୁଷ୍ଠିତ ହେବ । ୨୩ଟି ଓ୍ୱାର୍ଡକୁ ନେଇ ଗଠିତ ଆସିକା ପୌରପାଳିକାରେ ଆଗାମୀ କିଛି ମାସ ପରେ ପ୍ରଥମ କରି ନିର୍ବାଚନ ହେବାକୁ ଥିବା ବେଳେ ବର୍ତ୍ତମାନ ଠାରୁ ବହୁ ଯୁବ ଭୋଟରଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି । ଆସନ୍ତା ଆସିକା ପୌରପାଳିକା ନିର୍ବାଚନ କେବେ ହେବ ସେ ସଂକ୍ରାନ୍ତରେ ସ୍ପଷ୍ଟ ଭାବେ କୌଣସି ସୂଚନା ମିଳିପାରିନଥିଲେ ମଧ୍ୟ ଆସିକା ପୌର ପରିଷଦକୁ ହତେଇବା ପାଇଁ ଏବେଠୁ ବିଜେଡି ତାର ରଣନୀତି ଆରମ୍ଭ କରିଥିବା ଚର୍ଚ୍ଚା ହେଉଛି । ବିଜୁ ଜନତା ପାଇଁ ଆସନ୍ତା ଆସିକା ପୌରପାଳିକା ନିର୍ବାଚନ ସମ୍ମାନ ଓ ସ୍ୱାଭିମାନର ପ୍ରଶ୍ନ ଥିବାରୁ ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରୁ ଆହୁରି ସୁଦୃଢ଼ କରିବା ଲାଗି ଦଳର ହେବିଓ୍ୱେଟ୍ ମାନେ ବିଚାରବିମର୍ଶ ଜାରି ରଖିଛନ୍ତି। ଗତ ୨୦୨୨ ମସିହାରେ ଅନୁଷ୍ଠିତ ହୋଇଥିବା ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାଚନରେ ବିଜୁ ଜନତା ଦଳର କାଉନସିଲରମାନେ ସର୍ବାଧିକ ୧୪ଟି ଓ୍ୱାର୍ଡରେ ବିଜୟଲାଭ କରିଥିଲା ବେଳେ ୨ଟି ଓ୍ୱାର୍ଡରେ ବିଜେପି ଏବଂ ଆଉ ୨ଟି ଓ୍ୱାର୍ଡରେ ସ୍ୱାଧୀନ କାଉନସିଲରମାନେ ବିଜୟଲାଭ କରିଥିଲେ । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ଆସିକା ପୂର୍ବତନ ବିଧାୟିକା ମଂଜୁଳା ସ୍ୱାଇଁଙ୍କ ହାତମୁଠାକୁ ଆହୁରି ଟାଣ କରିବା ପାଇଁ ଦଳୀୟ ନେତା ଓ କର୍ମୀମାନେ ଏକ ମନ ଏକ ପ୍ରାଣରେ ଏକାଠି ହୋଇ କାର୍ଯ୍ୟକଲେ ଆସନ୍ତା ଆସିକା ପୌରପାଳିକା ନିର୍ବାଚନରେ ବିଜେଡି ପୁଣି ବିଜୟର ଟିକା ନିଶ୍ଚିତ ଭାବେ ପିନ୍ଧିବ ବୋଲି ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ନଚିକେତା ସ୍ୱାଇଁ ଏବଂ ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ତଥା ଜିଲ୍ଲା ପରିଷଦ ସଦସ୍ୟ ବି.ମନୋଜ କୁମାର ଦୋରା ସୂଚନା ଦେଇଛନ୍ତି । ଆସିକା ପୌରପାଳିକାର ମେୟର୍ ପଦ କେଉଁ ବର୍ଗର ପାଇଁ ସଂରକ୍ଷିତ ରହିବ ଏବଂ କେଉଁ ଓ୍ୱାର୍ଡ କେଉଁ ବର୍ଗଙ୍କ ପାଇଁ ସଂରକ୍ଷିତ ରହିବ ଓ ମେୟର୍ ନିର୍ବାଚନ ନିର୍ବାଚନ ପ୍ରତ୍ୟେକ୍ଷ ଭାବେ ହେବ କି ପରୋକ୍ଷ ଭାବେ ହେବ ସେ ସଂକ୍ରାନ୍ତରେ କୌଣସି ଚୂଡାନ୍ତ ବିଜ୍ଞପ୍ତି ପ୍ରକାଶ ପାଇନଥିଲା ବେଳେ ସହରର ସାହିବସ୍ତିରେ ଆଗାମୀ ନିର୍ବାଚନକୁ ନେଇ ଆଲୋଚନା ଓ ପର୍ଯ୍ୟାଲୋଚନା ଜୋର୍ ଧରିଛି ।

## ପ୍ରବୋଧନ ପ୍ରଶିକ୍ଷଣ ଶିବିର



**ଫୁଲବାଣୀ,୨୨।୨/ଏନ୍ଏନ୍ଏସ୍:** ସ୍ଥାନୀୟ ଶିକ୍ଷକ ପ୍ରଶିକ୍ଷକ ମହାବିଦ୍ୟାଳୟ ଠାରେ ୪ଟି ପର୍ଯ୍ୟାୟରେ ନୂତନ ଶିକ୍ଷାନୀତି ଅନୁସାରେ ପାଠ୍ୟକ୍ରମ ରୂପରେଖ ୨୦୨୫ ଏବଂ ନୂତନ ପାଠ୍ୟ ପୁସ୍ତକର ସଂଚାଳନ ନିମନ୍ତେ୍ୟଲ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦିଗଦର୍ଶନ ପାଇଁ ପ୍ରବୋଧନ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ତାଲିମ୍‌ରେ ଫୁଲବାଣୀ ବ୍ଲକର ୩୮୬ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀ ତାଲିମ୍ ନେଇଛନ୍ତି । ଭାରତୀୟ ଜ୍ଞାନ ପରମ୍ପରା, ବିଷୟଗତ ଦକ୍ଷତା, କଳାଶିକ୍ଷା, ସ୍ୱାସ୍ଥ୍ୟ ଶିକ୍ଷା ତଥା ବୃତ୍ତିଗତ ଶିକ୍ଷା ଉପରେ ତାଲିମ୍ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଫୁଲବାଣୀ ବ୍ଲକ ଶିକ୍ଷା ଅଧିକାରୀ ରଂଜନ କୁମାର କହଁରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏବିଇଓ ଧନେଶ୍ୱର କହଁର, ସୀମାଦ୍ରୀ କହଁର ପ୍ରମୁଖ ସାମିଲ୍ ହୋଇ ଦିଗଦର୍ଶନ ଦେଇଥିବା ବେଳେ ଶିକ୍ଷକ ରବୀନ୍ଦ୍ର କୁମାର ଦିଗାଲ, ପ୍ରଦୀପ କୁମାର ମହାନ୍ତି ଏବଂ ସିଆରସିସି ସତ୍ୟଜିତ୍ ବେହେରା ସାଧନକର୍ମୀଭାବେ ତାଲିମ୍ ଦେଇଥିଲେ ।

## ଓଏସ୍‌ସିଆଇଟି ଶିକ୍ଷା କ୍ଷେତ୍ରରେ ଗଞ୍ଜାମ ରାଜ୍ୟରେ ୨ୟ

**ଛତ୍ରପୁର,୨୨।୨/ଏନ୍ଏନ୍ଏସ୍:** ଓଡ଼ିଶା ସରକାରଙ୍କ ପକ୍ଷରୁ ଓକେସିଏଲ ପକ୍ଷରୁ ଦିଆଯାଉଥିବା କମ୍ପ୍ୟୁଟର ଶିକ୍ଷା କ୍ଷେତ୍ରରେ ଗଞ୍ଜାମ ଜିଲ୍ଲା ସମଗ୍ର ରାଜ୍ୟରେ ୨ୟ ସ୍ଥାନ ଅଧିକାର କରିଛି । ଶନିବାର ଭୁବନେଶ୍ୱରର ରେଳ ଅଡିଟୋରିୟମରେ ଓକେସିଏଲର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ମନୋରଞ୍ଜନ ପୁଆଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓକେସିଏଲର ଗଞ୍ଜାମ ଜିଲ୍ଲା ମୁଖ୍ୟ ଏସ୍. ରେଖା ମହାନ୍ତିଙ୍କୁ ପୁରସ୍କୃତ କରାଯାଇଛି । ଏହା ସହିତ ରେଖା ମହାନ୍ତିଙ୍କ ଛତ୍ରପୁର ସ୍ଥିତ ରେଖାସ ଡିଜିଟାଲ ଏଜୁକେସନରେ ୨୦୨୫ କ୍ୟାଲେଣ୍ଡର ବର୍ଷରେ ୬ ଶହରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରାଯାଇଥିବା ସହ ଗଞ୍ଜାମ ଜିଲ୍ଲାରେ ଓକେସିଏଲର ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ଓଡ଼ିଶାର ଶ୍ରେଷ୍ଠ ମହିଳା ଉଦ୍ୟୋଗୀ ଭାବେ ମଧ୍ୟ ଶ୍ରୀମତି ରେଖାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଓକାକର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ସ୍ୱତନ୍ତ୍ର ସଚିବ ଡକ୍ଟର ପ୍ରଦୀପ କୁମାର ରାଉତ ଉଦ୍‌ଘାଟକ ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଅତିଥି ଭାବେ ଯୋଗ ଦେଇଥିଲେ । ଆଞ୍ଚଳିକ ପରିଚାଳିକା ଇପ୍ସିତା ମିଶ୍ର ଓ ଜୟଶ୍ରୀ ଦେହେରୀ ମଞ୍ଚ ସଂଯୋଜନା କରିଥିଲେ । ସିଏସ ସସ୍ମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଟୋକୁ ଧକ୍କା ଦେଲା ଟ୍ରକ୍, ୪ ଆହତ

**ରଙ୍ଗେଇଲୁଣ୍ଡା,୨୨।୨/ଏନ୍ଏନ୍ଏସ୍:** ଗୋଳନ୍ଥରା ଥାନା ଅଧୀନ କନିଷି ଗାଁ ନିକଟ ୧୬ ନଂ ଜାତୀୟ ରାଜପଥରେ ରବିବାର ସନ୍ଧ୍ୟାରେ ଘଟିଛି ଦୁର୍ଘଟଣା । ସନ୍ଧ୍ୟା ସାଢେ ୬ଟା ବେଳେ ଏକ ଯାତ୍ରୀବାହୀ ଅଟୋ ପାସେଞ୍ଜର ଓହ୍ଲାଉଥିବା ବେଳେ ପଛରୁ ଏକ ଟ୍ରକ ଧକ୍କା ଦେବାରୁ ଅଟୋ ଚାଳକ ସମେତ ୪ ଜଣ ଯାତ୍ରୀ ଆହତ ହୋଇଥିବା ଜଣାପଡିଛି । ସୂଚନା ଅନୁଯାୟୀ ଏକ ଅଟୋ ନଂ ଓଡି୧୩କେ -୩୬୨୩ ବ୍ରହ୍ମପୁର ପଟୁ କିଛି ଯାତ୍ରୀ ଆଣିକି କନିଷି ଗାଁ ନିକଟରେ ଯାତ୍ରା ଓହ୍ଲାଉଥିବା ବେଳେ ପଛରୁ ଆସୁଥିବା ଏକ ଟ୍ରକ (ନଂ ଟିଏନ ୨୯ସିବି-୩୯୧୭) ଅଟୋକୁ ଧକ୍କା ଦେଇଥିଲା । ଫଳରେ ଅଟୋ ଚାଳକ ସହ ୨ ମହିଳା ଓ ଜଣେ ପୁରୁଷ ଆହତ



ହୋଇଥିଲେ । ସ୍ଥାନୀୟ ଲୋକେ ଏବଂ ଗୋଳନ୍ଥରା ପୁଲିସ ଘଟଣା ସ୍ଥଳରେ ପହଁଞ୍ଚି ଆହତଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିବା ସୂଚନା ମିଳିଛି । ଆହତଙ୍କ ପରିଚୟ ସ୍ପଷ୍ଟ ହୋଇ ନଥିବା ବେଳେ ଅଟୋ ଚାଳକ ପଞ୍ଚମା ଅଞ୍ଚଳର ବୋଲି ଜଣାପଡିଛି ।

## ସୁବୁଦ୍ଧିପଲ୍ଲୀରେ ଅଷ୍ଟପ୍ରହର ନାମଯଜ୍ଞ

**ବୁଗୁଡା,୨୨।୨/ଏନ୍ଏନ୍ଏସ୍:** ବୁଗୁଡ଼ା ବ୍ଲକର ସୁବୁଦ୍ଧିପଲ୍ଲୀ ଗ୍ରାମରେ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଗତ ଶନିବାର ଦିନ କଳସ ଯାତ୍ରା ସହ ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ରବିବାର ଦିନ ଅଷ୍ଟ ପ୍ରହର ନାମଯଜ୍ଞର ଶୁଭାରମ୍ଭ ହୋଇଥିଲା । ଏଥିରେ ଗୋଳାବନ୍ଧ, ଢଉଗାଁ, ରାମଣ୍ଡା , ସୋଲଣ୍ଡି, ଭାମଶ୍ୟାଳି, ଚାଞ୍ଚଡାସାହି, ସୁବୁଦ୍ଧିପଲ୍ଲୀ ଆଦି ଗ୍ରାମର ନାମ ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପୁରୋହିତ ଭାବେ ଲଡ୍ଡୁ କିଶୋର ଦାଶ ଓ ବୈଷ୍ଣବ ଭାବେ ପଞ୍ଚାନନ ମହାନ୍ତି ରୀତିନୀତି ପ୍ରକାରେ ପୂଜାପାଠ ସହ ଘୃତଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ କର୍ତ୍ତା ଦାୟିତ୍ୱ ସାଧୁ ଚରଣ ବିଷୋୟୀ ନିର୍ବାହ କରିଥିଲେ । ଏଥି ସହ ଅନ୍ନଯଜ୍ଞ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁଙ୍କ ସମାବେଶ ଘଟିଥିଲା ।

## ଅବ୍ୟବସ୍ଥା ଘେରରେ ପିପଳସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ






**ବାଲିଗୁଡ଼ା, ୨୨।୨/ଏନ୍ଏନ୍ଏସ୍:** ଅବ୍ୟବସ୍ଥା ଘେରରେ ବିଦ୍ୟାଳୟ । ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବିଦ୍ୟାଳୟରେ ଅଧ୍ୟୟନ ରତ କୋମଳମତି ଛାତ୍ରଛାତ୍ରୀ । ବାରମ୍ବାର ଅଭିଯୋଗ ପରେ ବି ସୁଧୁରୁନି ସମସ୍ୟା । ଏହା କେଉଁ ଉପାନ୍ତ ଅଞ୍ଚଳର ନୁହେଁ, ଏ ହେଉଛି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଏନ୍ଏସି ଅନ୍ତର୍ଗତ ୭ ନଂ ଓ୍ୱାର୍ଡ ନୁଆସାହି ନିକଟସ୍ଥ ପିପଳ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି । ସହରାଞ୍ଚଳରେ ଥିବା ଏହି ବିଦ୍ୟାଳୟରେ ବାଲ୍ ବାଟିକା ଠାରୁଆରମ୍ଭ କରି ୮ ମ ଶ୍ରେଣୀ ମଧ୍ୟରେ ୧୮୭ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । କିନ୍ତୁ ଦୀର୍ଘ ବର୍ଷ ଧରି ବିଦ୍ୟାଳୟର ସମସ୍ୟା ବାବଦରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏଯାଏଁ ହୋଇପାରିନି ସମସ୍ୟାର ସମାଧାନ । ବିଦ୍ୟାଳୟ ଚତୁଃପାର୍ଶ୍ୱରେ ପାଚେରୀ ନାହିଁ, ବିଦ୍ୟାଳୟ ପରିସରରେ ଥିବା ଶୌଚାଳୟ କାର୍ଯ୍ୟରେ ଆସୁନି । ଗୋଟିଏ ପଟେ ଆବଶ୍ୟକତା ଅନୁସାରେ ଶ୍ରେଣୀ ଗୃହ ନଥିବା ବେଳେ ଥିବା ଶ୍ରେଣୀ ଗୃହ ଛାତରୁ ପ୍ଲାଷ୍ଟର ଖସି ଲୁହା ଛଡ଼ ଦେଖାଗଲାଣି । ଅନ୍ୟପଟେ ଭଙ୍ଗା ଦଦରା ଘରେ ରୋଷେଇ ହେଉଛି ପିଲାଙ୍କ ମଧ୍ୟାହ୍ନ ଭୋଜନ । ଯଦି ସହରାଞ୍ଚଳରେ ଶିକ୍ଷା ବ୍ୟବସ୍ଥାର ଏଭଳି ଚିତ୍ର ତେବେ ଉପାନ୍ତ ଅଞ୍ଚଳରେ କିଭଳି ବ୍ୟବସ୍ଥା ଥିବ ତାହା ସ୍ପଷ୍ଟ ଅନୁମେୟ । ବିଦ୍ୟାଳୟର ଏସବୁ ସମସ୍ୟାର ସମାଧାନ ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀ, କର୍ମଚାରୀ ଓ ପ୍ରଧାନ ଶିକ୍ଷୟତ୍ରୀ । ବିଦ୍ୟାଳୟ ପରିସରରେ ପାଚେରୀ ନଥିବାରୁ ରାତିହେଲେ ଅସାମାଜିକ ଲୋକେ ବିଦ୍ୟାଳୟ ପରିସରରେ ଆଡ୍ଡା ଜମାଉଛନ୍ତି । ମଧ୍ୟାହ୍ନ ଭୋଜନ ଖାଇବା ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ନଥିବାରୁ ପିଲାମାନେ ବାରଣ୍ଡାରେ ବସି ମଧ୍ୟାହ୍ନ ଭୋଜନ ଖାଇବାକୁ ପଡୁଛି । ପାଚେରି ନଥିବାରୁ ଖାଇବା ସମୟରେ ସ୍କୁଲ୍ ପରିସରକୁ ଗାଇ,ଗୋରୁ, ଛେଳି, ଘୁଷୁରୀ ମଧ୍ୟ ପଶି ଆସୁଥିବା ଅଭିଯୋଗ ହୋଇଛି । ଯଥା ସମ୍ଭବ ନିଜ ଖର୍ଚ୍ଚରେ ବିଦ୍ୟାଳୟ ପରିସରକୁ ବାଡ଼ ବାନ୍ଧି ଯେନତେନ ବିଦ୍ୟାଳୟ ପରିସରକୁ ସୁରକ୍ଷିତ ରଖିବାକୁ ଚେଷ୍ଟା କରୁଛନ୍ତି ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଭଗବତୀ ଦେଇ । ଯାହାକି ସ୍ଥାୟୀ ସମାଧାନ ନୁହେଁ । ଏଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ବିଦ୍ୟାଳୟର ସମସ୍ୟା ସୁଧାରିବା ପାଇଁ ଦାବି କରିଛନ୍ତି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅର୍ଜୁନ ନାୟକ ଓ ସଦସ୍ୟ । ସମସ୍ୟା ବାବଦରେ ଆମେ ଅବଗତ ଅଛୁ, ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ୍ୱର ମାଝୀ କ୍ଷ ତେବେ ଏହି ବିଦ୍ୟାଳୟ ପ୍ରତି ପ୍ରଶାସନ ଓ ଶିକ୍ଷା ବିଭାଗର କେବେ ଦୃଷ୍ଟି ପଡୁଛି ଏବଂ କେବେ ସମସ୍ୟାର ସମାଧାନ ହେଉଛି ତାହା ଦେଖିବାକୁ ବାକି ରହିଲା ।

# ଆସିକା ସଂସଦୀୟ କ୍ଷେତ୍ରରେ କୃଷି ମହାବିଦ୍ୟାଳୟ ସ୍ଥାପନ ଦାବି

**ଆସିକା,୨୨।୨/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲାର ଦୁଇଟି ଲୋକସଭା ଆସନ ମଧ୍ୟରୁ ଆସିକା ସଂସଦୀୟ କ୍ଷେତ୍ର ସବୁବେଳେ କେନ୍ଦ୍ର ଓ ରାଜ୍ୟ ରାଜନୀତିରେ ଗୁରୁତ୍ୱ ବହନ କରିଆସୁଛି । ଆସିକା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଆସିକା, କବିସୂର୍ଯ୍ୟନଗର, ଖଲିକୋଟ, ସୋରଡା, ହିଞ୍ଜିଳିକାଟୁ, ପୋଲସରା, ସାନଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନସ୍ଥ ଅଞ୍ଚଳର ହଜାର ହଜାର ଜନତା କୃଷିକାର୍ଯ୍ୟ ଉପରେ ପ୍ରାୟତଃ ନିର୍ଭରଶୀଳ । ଦେଶ ସ୍ୱାଧୀନତାର ୭୮ ବର୍ଷ ପରେ ବି କୃଷିପ୍ରଧାନ ଆସିକା ଲୋକସଭା କ୍ଷେତ୍ର ଅଧୀନସ୍ଥ ଅଞ୍ଚଳରେ ସରକାରୀ କୃଷି ମହାବିଦ୍ୟାଳୟଟିଏ ସ୍ଥାପନ କରିବା ସମ୍ଭବପର ହୋଇପାରିନାହିଁ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନିକଟସ୍ଥ ମାଣ୍ଡିଆପଲ୍ଲୀ ନିକଟରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ମତ୍ସ୍ୟବିଜ୍ଞାନ ମହାବିଦ୍ୟାଳୟ ବହୁବର୍ଷ ତଳେ ପ୍ରତିଷ୍ଠା



ହୋଇସାରିଛି । ସେହି ପାଖରେ ସରକାରୀ ଅଞ୍ଚଳିକ କୃଷି ବୈଷୟିକ ଶିକ୍ଷା ଓ ତାଲିମ୍ ପ୍ରତିଷ୍ଠାନ ମଧ୍ୟ ରହିଛି । ସେଠାରେ ଚାଷୀମାନଙ୍କୁ ବୈଜ୍ଞାନିକ ପ୍ରଣାଳୀରେ କମ୍ ଖର୍ଚ୍ଚରେ ଅଧିକ ଉତ୍ପାଦନ ପାଇଁ ଉନ୍ନତମାନର କୃଷିକାର୍ଯ୍ୟ ସଂପର୍କରେ ସଚେତନ କରାଯାଉଛି । ଗୋଳନ୍ଥରା ନିକଟରେ ଧାନବିହନ ଉତ୍ପାଦ କେନ୍ଦ୍ର ଏବଂ ବ୍ରହ୍ମପୁର ଉପକଣ୍ଠସ୍ଥ ଆଙ୍କୁଶପୁର-ରତ୍ନପୁର ଗ୍ରାମ ନିକଟରେ ଧାନ ଗବେଷଣା କେନ୍ଦ୍ର ରହିଛି । ଆସିକା ସଂସଦୀୟ କ୍ଷେତ୍ର ଅଧୀନସ୍ଥ ଅଞ୍ଚଳରେ କୃଷି ମହାବିଦ୍ୟାଳୟ ସ୍ଥାପନ ପାଇଁ ଆବଶ୍ୟକୀୟ ସମସ୍ତ ଭିତ୍ତିଭୂମୀ ରହିଥିଲା ବେଳେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଓ ପ୍ରଶାସନିକ ସ୍ଥାଣୁତା ଯୋଗୁଁ ତାହା ଅଦ୍ୟାବଧି ସମ୍ଭବପର ହୋଇପାରିନାହିଁ । ରାଜ୍ୟ ସରକାର ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ପଦକ୍ଷେପ ନେବାକୁ ଦୁର୍ନିତୀ ବିରୋଧରେ ଆମ ସଂଗଠନର ସଭାପତି ପ୍ରସନ୍ନ କୁମାର ତ୍ରିପାଠୀ ଅନୁରୋଧ କରିଛନ୍ତି । ଆସିକା ସଂସଦୀୟ କ୍ଷେତ୍ରର ବିଭିନ୍ନ ଅଞ୍ଚଳରେ ହଜାର ହଜାର ହେକ୍ଟର ଜମିରେ ପ୍ରତ୍ୟେକ ବର୍ଷ ଖରିଫ୍ ଓ ରବି ଧାନଚାଷ କରାଯାଉଛି । ଆସିକା ଲୋକସଭା କ୍ଷେତ୍ରର ସମୁଦାୟ ଜନସଂଖ୍ୟା ମଧ୍ୟରୁ ପ୍ରାୟ ୫୦ରୁ ୬୦ ପ୍ରତିଶତ ଲୋକ କେବଳ ବିଭିନ୍ନ ଚାଷ ଉପରେ ନିର୍ଭର କରିଆସୁଛନ୍ତି । ଆସିକା ସଂସଦୀୟ କ୍ଷେତ୍ର ଅଧୀନସ୍ଥ ଅଞ୍ଚଳରେ ଏକ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କରାଗଲେ ସେଠାରେ ଛାତ୍ରଛାତ୍ରୀମାନେ ପାଠ ପଢିବା ସାଙ୍ଗକୁ ଗବେଷଣା କରିବା ସହ ବୈଜ୍ଞାନିକ ପ୍ରଣାଳୀରେ ଉନ୍ନତମାନର ଚାଷ ପାଇଁ ଚାଷୀଙ୍କୁ ତାଲିମ୍ ଦେବା ସକାଶେ ସୁଯୋଗ ପାଇପାରିବେ । ସେହିଭଳି ସମବାୟ ଚିନିଶିଳ୍ପ ପକ୍ଷରୁ ମଧ୍ୟ ଆସିକା ସଂସଦୀୟ କ୍ଷେତ୍ର ଅଧୀନସ୍ଥ ଗଞ୍ଜାମ ଜିଲ୍ଲାର ଆସିକା, ଧରାକୋଟ, ଶେରଗଡ, ସାନଖେମୁଣ୍ଡି, ଦିଗପହଣ୍ଡି, ଭଂଜନଗର, ସୋରଡା, ବେଲଗୁଣ୍ଠା, ବୁଗୁଡା, ପୋଲସରା, କବିସୂର୍ଯ୍ୟନଗର, ପୁରୁଷୋତ୍ତମପୁର, ଖଲିକୋଟ, ହିଞ୍ଜିଳିକାଟୁ, ବେଗୁନିଆପଡା, ଜଗନ୍ନାଥପ୍ରସାଦ ଇତ୍ୟାଦି ଅଞ୍ଚଳରେ ଆଖୁଚାଷ ପାଇଁ ବ୍ୟାପକ ପଦକ୍ଷେପମାନ ଗ୍ରହଣ କରାଯାଉଛି । ରାଜ୍ୟ ସରକାର କୃଷିକାର୍ଯ୍ୟ କରିବା ସକାଶେ ଚାଷୀଙ୍କୁ ଅଧିକରୁ ଅଧିକ ତାଲିମ୍ ପ୍ରଦାନ କରିବା ଓ ଆଗ୍ରହୀ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢିବା ପାଇଁ ସୁଯୋଗ ଦେବାକୁ ଏକ କୃଷି ମହାବିଦ୍ୟାଳୟ ସ୍ଥାପନ କରିବାକୁ ବିଭିନ୍ନ ମହଲରେ ଦୃଢ ମତ ପ୍ରକାଶ ପାଉଥିବା ଲକ୍ଷ୍ୟ କରାଯାଇଛି ।

ନିତିଦିନ NITIDIN



# ଡାହିବାଡ଼ି ସାପ୍ତାହିକ ହାଟରୁ ବାଇକ୍ ଚୋରି

**ବୈଶିଙ୍ଗା,୨୨।୨/ଏନ୍ଏନ୍ଏସ୍:** ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଉପକଣ୍ଠ ଡାହିବାଡ଼ି ସାପ୍ତାହିକ ହାଟରୁ ଏକ ବାଇକ୍ ଚୋରି ହୋଇଥିବା ସୂଚନା ମିଳିଛି । ବୁଧବାର ଓ ଶନିବାର ଦୁଇଦିନ ଜିଲ୍ଲାର ଏହି ବିଶାଳ ବ୍ୟବସାୟିକ ହାଟ ଲାଗିଥାଏ । ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଅତ୍ୟାବଶ୍ୟକ ସାମଗ୍ରୀର କିଣାବିକା ପାଇଁ ଏହି ହାଟ ଉପରେ ନିର୍ଭରଶୀଳ । ତେବେ ଶନିବାର ବେତନଟୀ ଅଞ୍ଚଳର ରାମଚନ୍ଦ୍ର ଟୁଡୁ ପନିପରିବା କିଣିବା ପାଇଁ ବାଇକ୍ ନଂ ଓଡି ୧୧ ଏକ୍ସ ୪୬୬୪କୁ ରଖି ହ୍ୟାଣ୍ଡେଲ୍ ଲକ୍ କରିଯାଇଥିଲେ । ମାତ୍ର କିଣାକିଣି ସାରି ଫେରିବା ବେଳକୁ ବାଇକ୍ ନଥିଲା । ସବୁ ଜାଗାରେ ଖୋଜାଖୋଜି କରି ନପାଇବାରୁ ବୈଶିଙ୍ଗା ପୁଲିସ୍ ନିକଟରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ । ଏନେଇ ପୁଲିସ୍ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ତେବେ ଏଠାରେ ୩ଟି ସାଇକେଲ୍ ଓ ବାଇକ୍ ଷ୍ଟାଣ୍ଡ ଥିବା ସତ୍ତ୍ୱେ ସେଠାରେ ନରଖି ଏଣେତେଣେ ଅତ୍ୟନ୍ତ ବିପଦପୂର୍ଣ୍ଣଭାବେ ବାଇକ୍ ରଖୁଥିବା ଯୋଗୁ ଚୋରି ଘଟଣା ବଢ଼ି ଚାଲିଛି । ତେବେ ଏ ଦିଗରେ ଜନସାଧାରଣ ସତର୍କତା ଅବଲମ୍ବନ କରିବାକୁ ପୁଲିସ୍ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

ବାରିପଦା ଗସ୍ତରେ ରାଜ୍ୟପାଳ

# ଦ୍ୱିତୀୟ ଶ୍ରୀକ୍ଷେତ୍ରରେ କଲେ ପୂଜାର୍ଚ୍ଚନା



**ବାରିପଦା,୨୨।୨/ଏନ୍ଏନ୍ଏସ୍:** ଦିନିକିଆ ବାରିପଦା ଗସ୍ତରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଆସି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ରିଜର୍ଭ ପୁଲିସ ପଡ଼ିଆସ୍ଥିତ ହ୍ୟାଲିପେଡ୍‌ରେ ଅବତରଣ କରିବା ପରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାର୍ବଜନୀନ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ଜିଲ୍ଲାପାଳ ହେମକାନ୍ତ ସୟ, ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲୀ ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଥିଲେ । ରାଜ୍ୟପାଳ ପ୍ରଥମେ ଦ୍ୱିତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ବାରିପଦାସ୍ଥିତ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଛନ୍ତି । ଏହି ଅବସରରେ ରାଜ୍ୟବାସୀଙ୍କ ଶାନ୍ତି ଓ ସମୃଦ୍ଧି କାମନା କରି ରାଜ୍ୟପାଳ ପୂଜାର୍ଚ୍ଚନା କରିଥିଲେ । ଏହାପରେ କଲେଜ ପଡିଆ ଠାରେ ଅନୁଷ୍ଠିତ ହେଉଥିବା ସାର୍ବଜନୀନ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼. ମହାପାତ୍ରଙ୍କ ପୁତ୍ର ଆୟୁଷ୍ମାନ ଆସ୍ତିକ ମହାପାତ୍ରଙ୍କ ବ୍ରତପୋନୟନ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ ଆଶୀର୍ବାଦ ପ୍ରଦାନ କରିଥିଲେ । ପାରମ୍ପରିକ ମୂଲ୍ୟବୋଧ ଓ ସାଂସ୍କୃତିକ ପରମ୍ପରାର ସୁରକ୍ଷା ପ୍ରତି ଗୁରୁତ୍ୱାରୋପ କରିବା ସହ ସେଗୁଡ଼ିକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ ।

# ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା

**ଭଣ୍ଡାରିପୋଖରୀ,୨୨।୨/ଏନ୍ଏନ୍ଏସ୍:** ଭଣ୍ଡାରିପୋଖରୀ ବ୍ଲକ୍‌ର ବୟାବନାପୁର୍ ପଞ୍ଚାୟତର ମଠସାହିରେ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ହୋଇଛି । ଗ୍ରାମର ନାମ ଅନୁସାରେ ଏହି ମନ୍ଦିର ନାମକରଣ ହୋଇଛି । ଗ୍ରାମର ଠାକୁର ଅଂଶୀଦାରଙ୍କ ସହଯୋଗରେ ଗୃହ ପ୍ରତିଷ୍ଠା କରାଯାଇ ଦେବାଦେବୀଙ୍କ ନୀତି ନିୟମ ଅନୁଯାୟୀ ପୂଜାପାଠ କରାଯାଇଥିଲା । ଲକ୍ଷ୍ମୀଧର ଦାଶ ଓ ଶ୍ରୀମତୀ ଦାଶ ପୂଜାରେ ସଙ୍କଳ୍ପ କରି କର୍ତ୍ତା ଓ କର୍ତ୍ତୀ ଭାବେ ଦାୟିତ୍ୱ ତୁଲାଇଥିଲେ । ଅଂଶୀଦାର ଭାବେ ଯୋଗେନ୍ଦ୍ର ଦାଶ, ବ୍ରଜକିଶୋର ପଣ୍ଡା, ରାଜକିଶୋର ପଣ୍ଡା ଓ ବିଜୟ ପଣ୍ଡା ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ରାଜରାସ୍ତାରେ ପରିବା ହାଟ, ବିପଦକୁ ଆମନ୍ତ୍ରଣ

## ପୌରପାଳିକା ତୁରନ୍ତ ଦୃଷ୍ଟିଦେବାକୁ ଦାବି



**ଯୋଡ଼ା,୨୨।୨/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକାରେ ପରିବା ଚାଷୀଙ୍କୁ ନିଜ ଉତ୍ପାଦ ଜିନିଷକୁ ବିକ୍ରି କରିବା ପାଇଁ ଜାଗା ଖଣ୍ଡିଏ ମିଳିପାରୁ ନାହିଁ । ଏଭଳି ସ୍ଥିତିରେ ବିପଦସଙ୍କୁଳ ଭାବେ ରାଜ୍ୟ ରାଜପଥ (ରଣାଶାଳରୁ କାଳିମାଟି ଦେଇ ପଲାଶ ପଙ୍ଗାକୁ ସଂଯୋଗ କରୁଥିବା ବିଜୁ ଏକ୍ସପ୍ରେସ୍ ୨) ଉପରେ ପରିବା ବିକ୍ରି କରିବା ଅତ୍ୟନ୍ତ ଦୁଃଖଦାୟକ ବୋଲି ସାଧାରଣରେ ଆଲୋଚନା ହେଉଛି । ଯୋଡ଼ା ଖଣି ଅଞ୍ଚଳରେ ନିକଟବର୍ତ୍ତୀ ଅଞ୍ଚଳରୁ ଦୈନିକ ଶହ ଶହ ଚାଷୀ ପରିବା ବିକ୍ରି କରିବାକୁ ଆସିଥାନ୍ତି । ଉକ୍ତ ଚାଷୀଙ୍କ ପାଇଁ ଏକ ଉତ୍କୃଷ୍ଟ ଜାଗା ପୌରପାଳିକା ପକ୍ଷରୁ ଦିଆଯାଇ ପାରୁନଥିବା ହେତୁ ବିପଦପୂର୍ଣ୍ଣ ଭାବେ ରାସ୍ତା ଉପରେ ବସି ପରିବା ବିକ୍ରି କରବାକୁ ବାଧ ହେଉଛନ୍ତି । ଉକ୍ତ ରାସ୍ତାରେ ସର୍ବଦା କାର୍ ଓ ବସ୍ ଚଳାଚଳ କରିଥାଏ । ଖାସ୍‌କରି ରବିବାର ଉକ୍ତ ରାସ୍ତା ଉପରେ ପରିବା ହାଟ ବସିବା ଦ୍ୱାରା ଟ୍ରାଫିକ୍ ସମସ୍ୟା ଉପୁଜୁଛି । ପରିବା ଚାଷୀ ଯେତିକି ବିପଦପୂର୍ଣ୍ଣ ଭାବେ ପରିବା ବିକୁଛନ୍ତି ସେତିକି ଅସହଜ ଭାବେ ଜନସାଧାରଣ ମଧ ପରିବା କିଣୁଛନ୍ତି । ରାସ୍ତାର ଉଭୟ ପାର୍ଶ୍ୱରେ ପରିବା ବିକ୍ରି ସାଙ୍ଗକୁ ବାଇକ୍ ପାର୍କିଂ ସ୍ଥାନଟିକୁ ଆହୁରି ଗହଳି କରିଦେଉଛି । ଏହି ସ୍ଥାନଟି ଯୋଡ଼ା ବସ୍‌ଷ୍ଟାଣ୍ଡ ନିକଟରେ ହୋଇଥିବାରୁ ବଡ଼ବିଲ୍‌କୁ ଯାଉଥିବା କିମ୍ବା ବଡ଼ବିଲ୍‌ରୁ ଆସୁଥିବା ବସ୍ ଗୁଡ଼ିକ ପାଇଁ ସମସ୍ୟା ହେବାସହ ଯେକୌଣସି ମୁହୂର୍ତ୍ତରେ ଦୁର୍ଘଟଣା ହେବାର ସମ୍ଭାବନା ରହିଥିବା ନେଇ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି ।

ପ୍ରକାଶଥାଉକି ଖଣି ଅଞ୍ଚଳରେ ବସବାସ କରୁଥିବା ହଜାର ହଜାର ଲୋକ ରାତି ପାହିଲେ ବ୍ୟାଗ୍ ଧରି ପରିବା ବଜାରକୁ ଆସିଥିବାବେଳେ ପରିବା ଚାଷୀ ମଧ ଦୈନିକ ତାଜା ପରିବା ଧରି ଯୋଡ଼ା ପହଞ୍ଚିଥାନ୍ତି । ଯୋଡ଼ାର ବୁଦ୍ଧିଜୀବୀଙ୍କ କହିବାନୁଯାୟୀ ଆଜିର ବ୍ୟସ୍ତବହୁଳ ଜୀବନ ଭିତରେ ତଥା ଅସନ୍ତୁଳିତ ଖାଦ୍ୟପାନୀୟ ଭିତରେ ଏହି ପରିବା ଚାଷୀ ହିଁ ଲୋକଙ୍କୁ ତାଜା ଓ ପୁଷ୍ଟିକର ପରିବା ପହଞ୍ଚାଉଛନ୍ତି । ତେଣୁ ପରିବା ଚାଷୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଯୋଡ଼ା ପୌରପାଳିକା ସେମାନଙ୍କୁ ଏକ ସୁରକ୍ଷିତ ସ୍ଥାନ ଯୋଗାଇଦେବା ଉଚିତ୍ ।

ଏନେଇ ଯୋଡ଼ା ବିକାଶ ପରିଷଦର ସଭାପତି ରାସ୍ତା ଉପରେ ପରିବା ହାଟକୁ ସ୍ଥାନାନ୍ତରିତ କରିବା ପାଇଁ ବାରମ୍ବାର ପୌରପାଳିକାର ଦୃଷ୍ଟି ଆକର୍ଷଣ କରିଛନ୍ତି । ଅନ୍ୟପଟେ ସ୍ଥାନର ଅଭାବ ଥିବା ପୌରପାଳିକା କହିଛି । ଯୋଡ଼ାର ସଞ୍ଜୟ ପାତ୍ର, ନରେଶ ପାତ୍ର, ସୁଶାନ୍ତ କୁମାର ବାରିକ ଓ ସତ୍ୟ ସାହୁ ପ୍ରମୁଖ ଉକ୍ତ ସ୍ଥାନରେ ପରିବା ହାଟକୁ ନେଇ ଦୁଃଖପ୍ରକାଶ କରିବା ସହ ଯାନ୍ତ୍ରିକ ତ୍ରୁଟି ଦ୍ୱାରା ଯେକୌଣସି ମୁହୂର୍ତ୍ତରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେବ ବୋଲି କହିଛନ୍ତି । ସାଂସଦ ପ୍ରତିନିଧି ବି ଏନ୍ ଦାଶ ମଧ ରାସ୍ତା ଉପରେ ପରିବା ହାଟକୁ ନେଇ ଚିନ୍ତା ପ୍ରକାଶ କରି ଖୁବ୍ କମ୍ ଦିନ ଭିତରେ ଏମ୍‌ଏମ୍‌ଟିସି କଲୋନୀ ମଧକୁ ପରିବା ହାଟ ସ୍ଥାନାନ୍ତରିତର ପ୍ରସ୍ତାବ ରଖିବେ ବୋଲି କହିଛନ୍ତି । ତେବେ ଏ ସଂକ୍ରାନ୍ତରେ ଯୋଡ଼ା ପୌରପାଳିକା ତୁରନ୍ତ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି ।

# କବିବର ରାଧାନାଥ ସ୍ମୃତି ସଂସଦ କାର୍ଯ୍ୟକାରୀ କମିଟିର ପୁନର୍ଗଠନ



**ସୋର,୨୨।୨/ଏନ୍ଏନ୍ଏସ୍:** କବିବର ରାଧାନାଥ ସ୍ମୃତି ସଂସଦର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସଂସଦର କାର୍ଯ୍ୟକାରୀ ସଭାପତି ଗଙ୍ଗାଧର ପାଢ଼ୀ ସଭାପତିତ୍ୱ କରିଥିଲେ । ବହୁ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସଂସଦର ସ୍ଥାୟୀ ସଭାପତି ଭାବେ ଲକ୍ଷ୍ମୀନାରାୟଣ ନାୟକଙ୍କ ବିୟୋଗ ପରେ ସଂସଦର ନୂତନ କାର୍ଯ୍ୟକାରୀ କମିଟି ଗଠନ ହେବା ଆଜିର ମୁଖ୍ୟ ଆଲୋଚ୍ୟ ବିଷୟ ଥିଲା । ଏହାସହ ଗତ ଜୟନ୍ତୀ ସଭାରେ ସଂସଦଙ୍କ ପକ୍ଷରୁ ଉପସ୍ଥାପିତ ଦାବି ଓ ଅତିଥି (ବିଧାୟକ, ସରପଞ୍ଚ ଓ ସମିତିସଭ୍ୟ)ଙ୍କ ପ୍ରତିଶ୍ରୁତି ଉପରେ କାର୍ଯ୍ୟାନୁଷ୍ଠାନ, ଗତ ସଭାରେ ଆଲୋଚିତ ସଂସଦର ଆୟବ୍ୟୟ ଓ ସରକାରଙ୍କ ପ୍ରଦତ୍ତ ଅନୁଦାନ ରାଶି ସହିତ ସଂସଦର ଜମାରାଶି, ଆଜୀବନ ସଦସ୍ୟଙ୍କ ତାଲିକା ଓ ସ୍ଥାୟୀ ଜମା ଉପରେ ଆଲୋଚନା ଓ ସଂସଦ ୱେବସାଇଟ୍ ତଥା ଅନ୍ୟାନ୍ୟ କେତେକ ଆଲୋଚନା କରାଯାଇଥିଲା । ସଂସଦ ନୂତନ କାର୍ଯ୍ୟକାରୀ କମିଟି କର୍ମକର୍ତ୍ତାଙ୍କୁ ମନୋନୀତ କରାଯାଇ ପ୍ରସ୍ତାବ ଓ ସମର୍ଥନକ୍ରମେ ଗଠନ କରାଯାଇଛି । ଏଥିରେ ସଭାପତି ଭାବେ ଶୁଭେନ୍ଦୁ କୁମାର ରାୟ, କାର୍ଯ୍ୟକାରୀ ସଭାପତି ଭାବେ ଗଙ୍ଗାଧର ପାଢ଼ୀ, ଉପସଭାପତି ଭାବେ ଉଦ୍ଧବ ଚରଣ ବିଶ୍ୱାଳ, କାର୍ତ୍ତିକ ମହାପାତ୍ର, ସମ୍ପାଦକ ଅନିରୁଦ୍ଧ ରାଉତ, ସଂଗଠନ ସମ୍ପାଦକ ବିଶ୍ୱନାଥ ଘୋଷ, ସହ ସମ୍ପାଦକ ଡ.ସତ୍ୟନାରାୟଣ ପଣ୍ଡା ଓ ପ୍ରଭାତ କୁମାର ପାକଳ, କୋଷାଧକ୍ଷ ଭାବେ ଗୌରାଙ୍ଗ ମହାପାତ୍ରଙ୍କୁ ମନୋନୀତ କରାଯାଇଛି । ଏହାସହ କାର୍ଯ୍ୟକାରୀ ସଦସ୍ୟଭାବେ ପ୍ରଦୀପ କୁମାର ଦାସ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ମନିନ୍ଦ୍ର କୁମାର ଦିକ୍ଷିତ, ଶ୍ରୀଧର ପ୍ରସାଦ ବେହେରା, ମହେଶ୍ୱର ବେହେରା, ଶ୍ରୀମନ୍ତ କୁମାର ପାତ୍ର, ରତ୍ନାକର ବାରିକ, ପ୍ରଦୀପ କୁମାର ବିଶ୍ୱାଳ, ଆଲୋକ ରାୟ, ରାଜେନ୍ଦ୍ର ରଣା, ଭଗବାନ ଲେଙ୍କା, ଭାସ୍କର ଚନ୍ଦ୍ର ନାୟକ, ଉପଦେଷ୍ଟା କମିଟିର ସଦସ୍ୟ ଭାବେ ବିଶ୍ୱମ୍ଭର ଆଚାର୍ଯ୍ୟ, ଶଙ୍କର୍ଷଣ ନାୟକ, ଗୋଲକ ପାତ୍ର, କାର୍ତ୍ତିକଚନ୍ଦ୍ର ସିଂ, ଶ୍ରୀକାନ୍ତ ଜେନା ଓ ଜୟରାମ ଦାସଙ୍କୁ ମନୋନୀତ କରାଯାଇଛି । ଏହି ବୈଠକରେ ସଂସଦର ସହ-ସମ୍ପାଦକ ଡ.ସତ୍ୟନାରାୟଣ ପଣ୍ଡା ସୂଚନା ଦେଇଥିଲେ ଯେ ସେ ଅଧକ୍ଷ ଥିବା କଟକସ୍ଥିତ ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନର ନୂତନକରି ନିର୍ମାଣ ହୋଇଥିବା ଏକ ପୁରୁଷ ଛାତ୍ରାବାସର ନାମକରଣ 'କବିବର ପୁରୁଷ ଛାତ୍ରାବାସ' ନାମରେ ନାମିତ କରାଇଛନ୍ତି । ଏଥିନିମନ୍ତେ ଅନୁଷ୍ଠାନ ପକ୍ଷରୁ ଉପସ୍ଥିତ ସମସ୍ତ ସଦସ୍ୟ ତାଳି ମାରି ଉଚ୍ଚପ୍ରଶଂସା କରିଥିଲେ । ମହେଶ୍ୱର ବେହେରା ଧନ୍ୟବାଦ ଦେଇଥିଲେ ।

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଶ୍ରାଦ୍ଧ ବାର୍ଷିକୀ

# 'ସେ ନବ ଓଡ଼ିଶା ଗଠନର ଅନ୍ୟତମ ବିନ୍ଧାଣି ଥିଲେ'

**ବାରିପଦା,୨୨।୨/ଏନ୍ଏନ୍ଏସ୍:** ମୟୂରଭଞ୍ଜର ପ୍ରଜାବତ୍ସଳ ରାଜର୍ଷି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଶ୍ରାଦ୍ଧ ବାର୍ଷିକୀ ଅଗ୍ରଣୀ ଭାଷା ସାହିତ୍ୟ ଅନୁଷ୍ଠାନ ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ ପାଳିତ ହୋଇଯାଇଛି । ମଞ୍ଚର ପ୍ରତିଷ୍ଠାତା ସଭାପତି ଶରତ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବର୍ଷୀୟାନ୍ ସାମ୍ବାଦିକ ଡ଼. ବିଜୟ କୁମାର ଅଗ୍ରୱାଲ, ଉଦୟନାଥ ଜେନା, ଶିକ୍ଷାବିତ୍ ନରେନ୍ଦ୍ର ମୋହନ ସେନାପତି, ପିତାମ୍ବର ମଲ୍ଲିକ, ସାମ୍ବାଦିକ ସୁକାନ୍ତ କୁମାର ଜୀଉ, ସୟେଦ ସିରାଜୁଦ୍ଦିନ ଓ ଦୀପକ କୁମାର ନାୟକ ପ୍ରମୁଖ ଯୋଗଦେଇ ମହାରାଜାଙ୍କ ସମାଧୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ସ୍ମୃତିଚାରଣ କରିଥିଲେ । ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ନବ ଓଡ଼ିଶା ଗଠନର ଅନ୍ୟତମ ବିନ୍ଧାଣି ଥିଲେ । କେବଳ ମୟୂରଭଞ୍ଜ ପାଇଁ ନୁହେଁ, ସାରା ଓଡ଼ିଶା ତଥା ଭାରତବର୍ଷର ବିକାଶ ପାଇଁ ସେ ଉଲ୍ଲେଖନୀୟ କାର୍ଯ୍ୟ କରିଯାଇଛନ୍ତି ବୋଲି ଉପସ୍ଥିତ ଅତିଥିବୃନ୍ଦ କହିଥିଲେ ।



# ତୁଳସୀପୁରରେ 'ମାଗେ ପରବ' ଉଦ୍‌ଯାପିତ



**କେନ୍ଦୁଝର,୨୨।୨/ଏନ୍ଏନ୍ଏସ୍:** କେନ୍ଦୁଝର ପୌରପାଳିକା ଅନ୍ତର୍ଗତ ତୁଳସୀପୁରରେ ଦେଶାଉଲି ସେବା ଟ୍ରଷ୍ଟ ପକ୍ଷରୁ 'ମାଗେ ପରବ' ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାମ୍ବାଦିକ ବ୍ରଜକିଶୋର ରାୟ, ମୁଖ୍ୟବକ୍ତା ଭାବେ ପୂର୍ବତନ ଏସ୍‌ଡିସି ଚେୟାରମ୍ୟାନ୍ ରାମରାଇ ମୁନ୍ଦୀୟା, ସମ୍ମାନିତ ଅତିଥିଭାବେ ବିଜେପି ନେତା ଅଜୟ ପାତ୍ର, ଜିଲ୍ଲାପରିଷଦ ସଦସ୍ୟ ରଥ ମୁଣ୍ଡା, ବଲକୃଷ୍ଣ ହୋ, ସତ୍ୟ ଲାଗୁରି ଓ ସଞ୍ଜୟ ଜାମୁଦା ଯୋଗଦେଇ ଏହି ମାଗେ ପରବର ପରମ୍ପରା ଏବଂ ବିଶେଷତ୍ୱ ସମ୍ପର୍କରେ ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ । ପାରମ୍ପରିକ ବାଦ୍ୟ ବଜାଇ ନାଚିନାଚି ଅତିଥିଙ୍କୁ ଦେଶାଉଲି ସେବା ଟ୍ରଷ୍ଟର କର୍ମକର୍ତ୍ତା ତଥା 'ହୋ' ସମ୍ପ୍ରଦାୟର ଭାଇଭଉଣୀ ସ୍ୱାଗତ କରିଥିଲେ । ମୁଖ୍ୟଅତିଥି ବିଶିଷ୍ଟ ସାମ୍ବାଦିକ ବ୍ରଜକିଶୋର ରାୟ କହିଥିଲେ ଯେ ଜନଜାତି ବର୍ଗ ଆଉ ପଛେଇ ରହିବେ ନାହିଁ । କାରଣ ଏବେ ଜନଜାତିର ଜଣେ ଝିଅ ରାଷ୍ଟ୍ରପତି ଭାବେ ଭାରତର ନେତୃତ୍ୱ ନେଉଥିବା ବେଳେ ଆଉଜଣେ ଜନଜାତିର ପୁଅ ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇ ଓଡ଼ିଶାବାସୀଙ୍କ ସେବକ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ରାୟ କହିଥିଲେ । ମୁଖ୍ୟବକ୍ତା ଭାବେ ପୂର୍ବତନ ଏସ୍‌ଡିସି ଚେୟାରମ୍ୟାନ୍ ରାମରାଇ ମୁନ୍ଦୀୟା ଯୋଗଦେଇ 'ହୋ' ସମ୍ପ୍ରଦାୟର ଭାଇଭଉଣୀମାନେ ନିଶ୍ଚିତ ତାଙ୍କ ସମ୍ମାନ ପାଇବେ ବୋଲି କହିଥିଲେ । ଏହି ଉତ୍ସବରେ ଦେଶାଉଲି ସେବାଟ୍ରଷ୍ଟର ସଭାପତି ରାଜକିଶୋର ସୁମ୍ବ୍ରୁଇ, ରମେଶ ମୁଣ୍ଡା, ଗୁରୁ ମହାନ୍ତ, ପ୍ରଳୟ ଦାସ, କିଶୋର ମୁଣ୍ଡା ଓ ତୁତୀ ମୁଣ୍ଡା ନେତୃତ୍ୱ ନେଇଥିବାବେଳେ ସହଯୋଗୀ ଭାବେ କିଶୋର ପଟ୍ଟନାୟକ, ଫକୀର ମୁଣ୍ଡା, ଟୁନୁ ମୁଣ୍ଡା ଓ ମଧୁ ମୁଣ୍ଡା ତଥା ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ତେଲକୋଇ ପ୍ରେସ୍ କ୍ଲବ୍‌ର କର୍ମକର୍ତ୍ତା ଚୟନ



**ତେଲକୋଇ,୨୨।୨/ଏନ୍ଏନ୍ଏସ୍:** ତେଲକୋଇ ପ୍ରେସ୍ କ୍ଲବ୍ ପକ୍ଷରୁ ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି । ପ୍ରେସ କ୍ଲବ୍‌ର ବରିଷ୍ଠ ସଦସ୍ୟ ଈଶ୍ୱର ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ସାମ୍ବାଦିକ ବିରଞ୍ଚି ବେହେରାଙ୍କ ପିତୃ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ପରେ କ୍ଲବ୍‌ର ସମସ୍ତ ସଦସ୍ୟଙ୍କ ଉପସ୍ଥିତି ଓ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା । ଏଥିରେ ସଭାପତି ଭାବେ କୈଳାସ ଚନ୍ଦ୍ର ପ୍ରଧାନ, ସମ୍ପାଦକ ଭାବେ ଅକ୍ଷୟ ପ୍ରଧାନ, କୋଷାଧକ୍ଷ ଭାବେ ଅମରେଶ ପ୍ରଧାନ, ଉପସଭାପତି ଭାବେ ଈଶ୍ୱର ଚନ୍ଦ୍ର ବାରିକ ଓ ସହସମ୍ପାଦକ ଭାବେ ଅନୁକୂଳ ବିଶ୍ୱାଳ ମନୋନୀତ ହୋଇଛନ୍ତି । ଉପଦେଷ୍ଟା ମଣ୍ଡଳୀରେ ସାମ୍ବାଦିକ ଲୋକନାଥ ସାହୁ, ଡମ୍ବରୁଧର ଖୁଣ୍ଟିଆ, ବିରଞ୍ଚି ବେହେରା, ବିଭୂତି ପ୍ରଧାନ ଓ ଧୀରେନ୍ ପରିଡ଼ା ମନୋନୀତ ହୋଇଛନ୍ତି । ଏହି ଅବସରରେ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରାଯିବା ସହିତ ଆଗାମୀ ୩ ବର୍ଷ ପାଇଁ ଦାୟିତ୍ୱ ଦିଆଯାଇଛି । ତେଲକୋଇ ଅଞ୍ଚଳର ବିଭିନ୍ନ ମୌଳିକ ସମସ୍ୟା ଓ ତା'ର ସମାଧାନ, ଅଞ୍ଚଳ ବିକାଶ ଏବଂ ସାମ୍ବାଦିକତା କ୍ଷେତ୍ରରେ ସ୍ୱାଭିମାନକୁ ପ୍ରେସ୍ କ୍ଲବ୍ ଗୁରୁତ୍ୱ ଦେବ ବୋଲି କୁହାଯାଇଥିଲା । ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା ସାମ୍ବାଦିକଙ୍କୁ ଆର୍ଥିକ ସହାୟତା ଓ ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ ପାଇଁ ଦୃଢ଼ ଦାବି ହୋଇଥିଲା । ଏହାସହ ଦୁର୍ନୀତି ବିରୋଧରେ ସାମ୍ବାଦିକମାନେ ନିଜର କଲମ ମୁନକୁ ଅଧିକରୁ ଅଧିକ ଶାଣିତ କରିବାକୁ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଅକ୍ଷୟ ପ୍ରଧାନ, ଡିଲେଶ୍ୱର ସାହୁ, ଅମରେଶ ପ୍ରଧାନ, କୈଳାସ ଚନ୍ଦ୍ର ପ୍ରଧାନ, ଅନୁକୂଳ ବିଶ୍ୱାଳ, ଡମ୍ବରୁଧର ଖୁଣ୍ଟିଆ, ଈଶ୍ୱର ଚନ୍ଦ୍ର ବାରିକ, ବିଭୂତି ପ୍ରଧାନ, ଧିରେନ୍ ପରିଡ଼ା, ଭୋଲେଶ୍ୱର ପାତ୍ର ଓ ଦେବାଶିଷ ପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

**କୈଳାସ ସଭାପତି, ଅକ୍ଷୟ ସମ୍ପାଦକ, ଅମରେଶ କୋଷାଧକ୍ଷ**

# ପାଣି ପାଇଁ ଗରା ଧରି ରାସ୍ତାରେ ମହିଳାଙ୍କ ପ୍ରତିବାଦ



**ପଞ୍ଚାୟତ ନିର୍ବାଚନ ପୂର୍ବରୁ କୌଣସି ସମାଧାନ ନହେଲେ ଭୋଟ୍ ବର୍ଜନ**

**ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ ଚେତାବନୀ**

**ବାଲେଶ୍ୱର,୨୨।୨/ଏନ୍ଏନ୍ଏସ୍:** ଗ୍ରୀଷ୍ମ ପୂର୍ବରୁ ପାଣି ପାଇଁ ଲୋକେ ହନ୍ତସନ୍ତ । ଫଳରେ ରାସ୍ତାରେ ଗରା ଓ ବାଲ୍‌ତି ରଖି ଅବରୋଧ ପୂର୍ବକ ମହିଳାମାନେ ପ୍ରତିବାଦ କରିଛନ୍ତି । ଏଭଳି ଘଟଣା ବାଲେଶ୍ୱର ଜିଲ୍ଲା ସଦର ବ୍ଲକ୍ ହିଡ଼ିଗାଁ ପଞ୍ଚାୟତର ଆଳଦିଆ ଗ୍ରାମରେ ଦେଖିବାକୁ ମିଳିଛି । ସୂଚନା ମୁତାବକ ଆଳଦିଆ ଓ ମୁଲଣାନଗରରେ ପ୍ରତି ଘରକୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ପାଇଁ ୨୦୧୮ ମସିହାରେ ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । କିନ୍ତୁ ତାହା ଆଜିପର୍ଯ୍ୟନ୍ତ ଶେଷ ହୋଇନାହିଁ । ବୋରୱେଲ୍ ଓ ଓଭରହେଡ୍ ପାଣିଟାଙ୍କି ନିର୍ମାଣ ଓ ପାଇପ୍ ବିଛା କାର୍ଯ୍ୟ ଅଧପନ୍ତରିଆ ପଡ଼ି ରହିଛି । ଏହି ନିର୍ମାଣ କାର୍ଯ୍ୟ ମଧ ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପିଇବା ପାଣି ପାଇଁ ଗ୍ରାମରେ ଯେଉଁ ଟିଉବ୍‌ୱେଲ୍ ରହିଛି ସେଥିମଧ୍ୟରୁ କିଛି ପାଣି ପିଇବା ଯୋଗ୍ୟ ନୁହେଁ । ପିଇବା ପାଣି ପାଇଁ ଏହି ୨ଟି ଗ୍ରାମର ପ୍ରାୟ ୮ ହଜାରରୁ ଊର୍ଦ୍ଧ୍ୱ ଲୋକ ହନ୍ତସନ୍ତ ହେଉଛନ୍ତି । ଏନେଇ ରବିବାର ଗ୍ରାମର ପ୍ରାୟ ଶତାଧିକ ମହିଳା ଏକତ୍ରିତ ହୋଇ ଗାଁ ରାସ୍ତାରେ ଗରା ଓ ବାଲ୍‌ତି ରଖି ପ୍ରତିବାଦ କରିଥିଲେ । ତୁରନ୍ତ ପାଇପ୍ ଯୋଗେ ପାନୀୟଜଳ ଯୋଗାଇବାକୁ ଦାବି କରିଥିଲେ । ଏହାସହ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଯଦି ପାନୀୟଜଳ ଯୋଗାଣ ସମସ୍ୟା ଦୂର ନହୁଏ ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହିତ ନିର୍ବାଚନରେ ଭୋଟ୍ ବର୍ଜନ କରିବେ ବୋଲି ଚେତାବନୀ ଦେଇଥିଲେ । ଏହି ପ୍ରତିବାଦରେ କାଞ୍ଚନ ପରିଡ଼ା, ଗିତିକା ବେହେରା, ମିଟିକା ପରିଡ଼ା, ସୁମତି ବେହେରା, ଝିଲ୍ଲି ଦାସ, ନିଶାମଣି ବେହେରା, ରଶ୍ମିତା ବେହେରା, ତପସ୍ୱିନୀ ବେହେରା, ସନାତନ ବେହେରା, ରମାକାନ୍ତ ଗୁଡ୍ଡୁ, ଅବନ୍ତି ବେରା, ସୁନାରାମ ସୋରେନ ଓ ଉପେନ୍ଦ୍ର ବେହେରା ପ୍ରମୁଖ ସାମିଲ୍ ହୋଇଥିଲେ ।

# କାର୍‌କୁ ଧକ୍କାଦେଲା ବୁଲେଟ୍



**ସୋର,୨୨।୨/ଏନ୍ଏନ୍ଏସ୍:** ସୋର ଥାନା ଉତ୍ତର ସୋରର ଉଡ଼ନ୍ତା ପୋଲରେ ସୋରରୁ ଉତ୍ତେରେଶ୍ୱର୍ ଅଭିମୁଖେ ଆସୁଥିବା ଏକ କାର୍‌କୁ ବିପରୀତ ଦିଗରୁ ଆସୁଥିବା ଏକ ବୁଲେଟ୍ ଧକ୍କା ଦେଇଛି । ଫଳରେ ବାଇକ୍ ଆରୋହୀ ସମେତ ଅନ୍ୟଜଣେ ଯୁବକ ଆହତ ହୋଇ ସୋର ମେଡିକାଲ୍‌ରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ବୁଲେଟ୍ ସିଧାସଳଖ ଆସି କାର୍‌କୁ ଧକ୍କା ଦେବାରୁ କାର୍‌ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାବେଳେ ବୁଲେଟ୍ ମଧ କ୍ଷତଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣା ଯୋଗୁ କିଛି ସମୟ ଧରି ରାସ୍ତାରେ ଯିବାଆସିବା ଠପ୍ ହୋଇଯାଇଥିଲା । ପରେ ସୋର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରେ ଭିଡ଼ କମାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ସୋର ଥାନାକୁ ଆଣିଥିଲା ।

